ମାଲକାନଗିରି (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ବଜେଟ୍ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏବଂ ପ୍ରଶାସନିକ ସ୍ୱଚ୍ଛତାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆମେ ଜାଣିବା ଆମ ବଜେଟ୍ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ମୁଖ୍ୟ ଓ ପଞ୍ଚାୟତିରାଜ ପ୍ରତିନିଧିମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ସରୋଜ କୁମାର ପ୍ରଧାନ ଉପସ୍ଥିତ ରହି ଏହି ଅଭିଯାନର ମାର୍ଗଦର୍ଶିକା ବା ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ପାଠ କରିଥିଲେ। ବଜେଟ୍ ପ୍ରସ୍ତୁତିଠାରୁ ଆରମ୍ଭ କରି ଏହାର କାର୍ଯ୍ୟକାରିତା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ଭାଗିଦାରୀ କିପରି ରହିବ, ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ କହିଛନ୍ତି ଯେ, ସରକାରଙ୍କ ପ୍ରତ୍ୟେକ ଯୋଜନାର ସଫଳ ରୂପାୟନ ପାଇଁ ବଜେଟ୍ ?ର ସଠିକ୍ ପରିଚାଳନା ଅତ୍ୟନ୍ତ ଜରୁରୀ। ସାଧାରଣ ନାଗରିକମାନେ ବଜେଟ୍ ବିଷୟରେ ଜାଣିଲେ ହିଁ ସେମାନେ ନିଜ ଅଞ୍ଚଳର ବିକାଶ ପାଇଁ ଦାବି କରିପାରିବେ। ଏହି ଅଭିଯାନ ମାଧ୍ୟମରେ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତ ବର୍ଗର ଲୋକଙ୍କୁ ସାମିଲ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ବଜେଟ୍ ପ୍ରକ୍ରିୟାରେ ସ୍ଥାନୀୟ ପ୍ରତିନିଧି ଓ ଜନସାଧାରଣଙ୍କ ମତାମତକୁ ଗୁରୁତ୍ୱ ଦିଆଯିବ। ପଞ୍ଚାୟତ ସ୍ତରରେ ବଜେଟ୍ ଖର୍ଚ୍ଚର ସ୍ୱଚ୍ଛତା ପାଇଁ ନୂତନ ନିୟମାବଳୀ ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ବିମଳ କୁମାର ଲେଙ୍କାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

କଳାବଜାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଅ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପଶ୍ଚିମ ଏସିଆ ଯୁଦ୍ଧ ସଂକଟ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗତ ୧ ସପ୍ତାହ ମଧ୍ୟରେ ଦୁଇ ଦୁଇଥର ଅତ୍ୟାବଶ୍ୟକ ସାମଗ୍ରୀର ବିତରଣ, ଗ୍ୟାସ୍‌ର ମହଜୁଦ ଆଦି ଉପରେ ସମୀକ୍ଷା କରିଛନ୍ତି। ସୋମବାର ସପ୍ତାହର ଦ୍ୱିତୀୟ ସମୀକ୍ଷା ବୈଠକରେ ସେ ରାଜ୍ୟର ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଆଭାସୀ ମାଧ୍ୟମରେ ଆଲୋଚନା କରିଛନ୍ତି। ମହଜୁଦକାରୀ, କଳାବଜାରୀଙ୍କ ଉପରେ କଠୋର ପଦକ୍ଷେପ ନେବା ନିମନ୍ତେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ୨୪ ଘଣ୍ଟିଆ ସଜାଗ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଗୁଜବ ସୃଷ୍ଟି କରି ଭୟର ବାତାବରଣ ସୃଷ୍ଟି କରୁଥିବା ଲୋକମାନଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ବିଶେଷକରି ସୋସିଆଲ ମିଡିଆ ଉପରେ ସ୍ୱତନ୍ତ୍ର ଧ୍ୟାନ ରଖିବା ପାଇଁ ସେ କହିଥିଲେ । ଉଭୟ ରାଜ୍ୟ ଓ ଜିଲ୍ଲା ସ୍ତରରେ କ୍ରାଇସିସ୍ ମ୍ୟାନେଜମେଣ୍ଟ ଗ୍ରୁପ୍ ଗଠନ କରାଯାଇଛି। ଉପଯୁକ୍ତ ସମନ୍ୱୟ ରଖି ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଯେପରି ନିୟମିତ ଭାବେ ଉପଲବ୍ଧ ହେବ, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଜିଲ୍ଲାରେ ପେଟ୍ରୋଲ, ଡିଜେଲ, ଗ୍ୟାସ୍, ସାର ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀର ଉପଲବ୍ଧତା ସମ୍ପର୍କରେ ନିୟମିତ ମନିଟରିଂ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଜନସାଧାରଣ ଭୟଭୀତ ନ ହେବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନା ରଖିଥିଲେ। ଜିଲ୍ଲାପାଳମାନେ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡିକେ ସିଂହ, ଗୃହ ଏବଂ ସୂଚନା ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଶ୍ରମ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍, ଏବଂ ବିଭିନ୍ନ ବିଭାଗର ଶାସନ ସଚିବମାନେ ଉପସ୍ଥିତ ଥିଲେ।

'ଆହାର କେନ୍ଦ୍ରରେ ରନ୍ଧନ ଗ୍ୟାସ ଯୋଗାଣ ହେବ ଅଧିକ ସହଜ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ ପ୍ରମୁଖ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ 'ଆହାର' ଯୋଜନାକୁ ନିରନ୍ତର ଓ ବାଧାହୀନ ଭାବେ ଚାଲୁ ରଖିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ସାରା ଓଡ଼ିଶାରେ ଥିବା ଆହାର ରୋଷେଇଶାଳଗୁଡ଼ିକ ପାଇଁ ରନ୍ଧନ ଗ୍ୟାସ ଯୋଗାଣକୁ ସରଳୀକୃତ ଏବଂ ସୁରକ୍ଷିତ କରିବାକୁ ବିଭାଗ ପକ୍ଷରୁ ବ୍ୟାପକ ନିର୍ଦ୍ଦେଶନାମା ଜାରି କରାଯାଇଛି। ପୌର ପ୍ରଶାସନ ନିର୍ଦ୍ଦେଶକ ଶ୍ରୀ ଅରିନ୍ଦମ ଡାକୁଆ ସମସ୍ତ ଜିଲ୍ଲାପାଳ, ମ୍ୟୁନିସିପାଲିଟି କମିଶନର ଏବଂ ଜିଲ୍ଲା ଓ ସିଟି ଆହାର ସୋସାଇଟିର ସଭାପତିମାନଙ୍କୁ ପତ୍ର ଲେଖି ଏହି ଯୋଜନାର ଲଜିଷ୍ଟିକ୍ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବାକୁ ଗୁରୁତ୍ୱାରୋପ କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୯୦ଟି କେନ୍ଦ୍ରୀୟ ରୋଷେଇ ଶାଳ ସହାୟତାରେ ୧୭୦ଟି ଆହାର କେନ୍ଦ୍ର ଜରିଆରେ ପ୍ରତିଦିନ ହଜାର ହଜାର ହିତାଧିକାରୀଙ୍କୁ ସ୍ୱଳ୍ପ ମୂଲ୍ୟରେ ପୁଷ୍ଟିକର ଆହାର ଯୋଗାଇ ଦିଆଯାଉଛି। ସେବା ପ୍ରଦାନରେ ଯେପରି କୌଣସି ଅନ୍ତରାୟ ସୃଷ୍ଟି ନହୁଏ, ସେଥିପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ନିଜ ନିଜ ଅଞ୍ଚଳରେ ରନ୍ଧନ ଗ୍ୟାସର ଉପଲବ୍ଧତା ସମ୍ପର୍କରେ ତୁରନ୍ତ ସମୀକ୍ଷା କରିବାକୁ ଏବଂ ଗ୍ୟାସ ଯୋଗାଣକାରୀ ଓ ବିତରକଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶେଷ ମାଇଲ ପର୍ଯ୍ୟନ୍ତ ପରିବହନ ବ୍ୟବସ୍ଥା ଏବଂ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଏହି ରଣନୈତିକ ଦୃଷ୍ଟିଭଙ୍ଗୀ, ରାଜ୍ୟ ସରକାରଙ୍କ ଖାଦ୍ୟ ନିରାପତ୍ତା ଓ ସହରାଞ୍ଚଳ କଲ୍ୟାଣ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ମାଓ କମାଣ୍ଡର ସୋମନା, ମହିଳା ମାଓବାଦୀର ଆତ୍ମସମର୍ପଣ

ମାଲକାନଗିରି(ଭାସ୍କର ନ୍ୟୁଜ): ଦେଶକୁ ମାଓମୁକ୍ତ କରିବା ପାଇଁ ଦିଆଯାଇଥିବା ସମୟ ଆଉ ମାତ୍ର ୨୪ ଘଣ୍ଟା ଥିବାବେଳେ ଆନ୍ଧ୍ର ପୋଲିସ ନିକଟରେ ଆତ୍ମସମର୍ପଣ କରିଛି ମାଓ କମାଣ୍ଡର ଚେଲୁରୁ ନାରାୟଣ ରାଓ ଓରଫ ସୋମନା ଓରଫ ସୁରେଶ। ତା ସହ ଅନ୍ୟ ୮ଜଣ ମଧ୍ୟ ଆତ୍ମସମର୍ପଣ କରିଛନ୍ତି। ସେମାନେ ବିଜୟୱାଡ଼ାରେ ଆତ୍ମସମର୍ପଣ କରିଥିବା ଆନ୍ଧ୍ର ଡିଜିପି ହରିଶ କୁମାର ଗୁପ୍ତା ସୂଚନା ଦେଇଛନ୍ତି। ସୋମନା ମାଓବାଦୀ ସେଣ୍ଟ୍ରାଲ ରିଜିଓନାଲ କମିଟି ତୃତୀୟ କମ୍ପାନୀର କମାଣ୍ଡର ଭାବେ କାର୍ଯ୍ୟ କରୁଥିଲା। ଏହି ୯ ମାଓବାଦୀଙ୍କଠାରୁ ଗୋଟିଏ ଇନସାଫ ରାଇଫଲ, ଦୁଇଟି ବିଜିଏଲ, ୫ଟି ୩୦୩ ବନ୍ଧୁକ, ୫ଟି ଏସବିବିଏଲ, ୬ଟି ସିଙ୍ଗଲ ସଟ୍ ରାଇଫଲ, ୨୨ ଗୁଳି, ୧୩ ଡିଟୋନେଟର ଓ ୫ଟି ଗିଲୋଟିନ୍ ଷ୍ଟିକ ଜବତ କରାଯାଇଛି। ସେହିପରି ରାଉରକେଲା ପୋଲିସ ନିକଟରେ ଜଣେ ୧୯ ବର୍ଷିଆ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛି। ଏ ନେଇ ପଶ୍ଚିମାଞ୍ଚଳ ଆଇଜି ସୂଚନା ଦେଇଛନ୍ତି। ଏହି ମହିଳା ମାଓବାଦୀ ଜଣକ ବାଙ୍କୋ ପଥରଖଣି ବିସ୍ଫୋରଣ, ରେଳପଥ ଆଇଇଡି ବିସ୍ଫୋରଣରେ ସାମିଲ ରହିଥିଲା। ତେବେ ସରକାରଙ୍କ ନୀତି ଅନୁଯାୟୀ ମହିଳା ମାଓବାଦୀକୁ ୨ଲକ୍ଷ ୨୫ ହଜାର ଟଙ୍କାର ସହାୟତା ରାଶି ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ କହିଛି।

AFFIDAVIT

By the virtue of an affidavit sworn before Notary Public, Malkangiri, dated 26th March 2026, I Mahesh Kumar Sisa, Son of Jogendra Sisa, permanent Resident of Village-Ramaguda, Post-Doraguda, P.S-Chitrakonda, Dist.-Malkangiri, (Odisha), currently present Resident of Village-Ramaguda, Post-Doraguda, P.S-Chitrakonda, Dist.-Malkangiri, (Odisha), PIN-764052, declare that I have changed my name from Maheswar Sisa to Mahesh Kumar Sisa in my Aadhaar Card. Henceforth, I shall be known as Mahesh Kumar Sisa for all purposes.

Sd/-Mahesh Kumar Sisa

ଗ୍ୟାସ ସିଲିଣ୍ଡର ସମସ୍ୟା ସମାଧାନ ପାଇଁ କଣ୍ଟ୍ରୋଲ ରୁମ

ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ରେ ଆବଶ୍ୟକୀୟ ଗ୍ୟାସ ସିଲିଣ୍ଡର ମହଯୁଦ ରହିଛି ।ତେଣୁ ଜନସାଧାରଣ ଅଯଥା ଆତଙ୍କିତ ନ ହେବା କିମ୍ବା ଅଯଥା ଗ୍ୟାସ ଡିଲର ପଏଣ୍ଟରେ ଭିଡ ନ କରିବାକୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଆଭାସୀ ମାଧ୍ୟମରେ ଏକ ବୈଠକ ଜିଲ୍ଲାପାଳ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ।ଜନସାଧାରଣ ଙ୍କୁ ସଠିକ ଭାବେ ଗ୍ୟାସ ଯୋଗାଣ ସହ ସରକାରୀ ଓ ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କୁ ଗ୍ୟାସ ଯୋଗାଣ ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିବା ସହ ବିହିତ ପଦକ୍ଷେପ ପାଇଁ ମୁଖ୍ୟ ଯୋଗାଣ ଅଧିକାରୀ ଓ ଗ୍ୟାସ ଡିଲର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଜିଲ୍ଲାପାଳ ଙ୍କ ପରାମର୍ଶ କ୍ରମେ ଏ ସମ୍ପର୍କରେ କଣ୍ଟ୍ରୋଲ ରୁମ ଖୋଲା ଯାଇ ଲୋକ ଙ୍କ ସମସ୍ୟା କୁ ତୁରନ୍ତ ସମାଧାନ ପାଇଁ ବ୍ୟବସ୍ଥା କରାଯାଇଛି ।ଯୋଗାଣ କାର୍ଯ୍ୟାଳୟ କଣ୍ଟ୍ରୋଲ ରୁମ ନମ୍ବର ହେଲା ୦୬୭୫୨-୨୨୨୨୨୮ ଓ ଜିଲ୍ଲା କଣ୍ଟ୍ରୋଲ ରୁମ ନମ୍ବର ହେଲା ୦୬୭୫୨-୨୨୩୨୩୭ ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ,ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ପ୍ରମୁଖ ଯୋଗ ଦେଇଥିଲେ।

MCL ମହାନଦୀ କୋଲ୍‌ଫିଲଡସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5293

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସମୁଦ୍ରରେ ବୁଡ଼ି...

ମିଳିଥିବା ସୂଚନା ମୁତାବକ, ଗାଧୋଇଥିବା ବେଳେ ବଡ ଲହଡ଼ି ମାଡ଼ରେ ୨ଜଣ ପର୍ଯ୍ୟଟକ ସମୁଦ୍ର ମଧ୍ୟକୁ ଭାସି ଯାଇଥିଲେ। ଲାଇଫ୍ ଗାର୍ଡ ସେମାନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେସାନଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହି ଘଟଣା କିଛି ଦିନ ମଧ୍ୟରେ ଏହା ହେଉଛି ତୃତୀୟ ଘଟଣା। ରବିବାର ମଧ୍ୟ ୪ ଜଣ ପର୍ଯ୍ୟଟକ ସମୁଦ୍ରରେ ଗାଧୋଇବା ବେଳେ ଭାସିଯାଉଥିବା ବେଳେ ଲାଇଫ ଗାର୍ଡ ମାନେ ସେମାନଙ୍କୁ ଉଦ୍ଧାର କରିଥିଲେ। ତେବେ ପ୍ରତିଦିନ ପୁରୀ ବେଳାଭୂମିରେ ଏପରି ଅଘଟଣ ଘଟୁଥିବା ବେଳେ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

ଆଜି ପୁରୁଛି...

ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ଆତ୍ମସମର୍ପଣ କରିଛନ୍ତି। ତେବେ ବାରମ୍ବାର ଆହ୍ୱାନ ଓ ଚେତାବନୀ ପରେ ବି ଓଡ଼ିଶା-ଝାଡ଼ଖଣ୍ଡ ସୀମାବର୍ତ୍ତୀ ସରଣ୍ଡା ଜଙ୍ଗଲରେ ଆଡ୍ଡା ଜମାଇଥିବା ମାଓବାଦୀମାନେ ଆତ୍ମସମର୍ପଣ କରୁନାହାନ୍ତି। ସରଣ୍ଡାରେ ଦୁର୍ଦ୍ଦାନ୍ତ ମାଓବାଦୀ ମିଶିର ବେସ୍ରା ଓ ଅସୀମ ମଣ୍ଡଳଙ୍କ ନେତୃତ୍ୱରେ ମାଓ ସଂଗଠନ ଚାଲୁ ରହିଛି। ଏହି ଜଙ୍ଗଲରେ ୪୯ଜଣ ମାଓବାଦୀ ଆଡ୍ଡା ଜମାଇ ରହିଛନ୍ତି। ମାଓବାଦୀଙ୍କ ଫଟୋଥିବା ପୋଷ୍ଟର ସରଣ୍ଡାର ବିଭିନ୍ନ ସ୍ଥାନରେ ଲଗାଯାଇଛି। ଡ୍ରୋନ ସାହାଯ୍ୟରେ ମାଓବାଦୀଙ୍କୁ ଠାବ କରିବା ପାଇଁ ଉଦ୍ୟମ ଜାରି ରହିଛି। ହେଲେ ଘଞ୍ଚ ଜଙ୍ଗଲ ଭିତରେ ଠାବ କରିବା ସହଜ ହେଉନାହିଁ । ସେମାନଙ୍କୁ ଠାବ କରିବା ପାଇଁ ସିଆରପିଏଫ, କୋବ୍ରା ଏବଂ ସ୍ୱତନ୍ତ୍ର ପୋଲିସ ଟିମ୍ ମିଳିତ ଭାବେ ଅପରେସନ ଜାରି ରଖିଛନ୍ତି।

ପାଦରେ ଆସିବ...

ଆମେରିକା ରାଷ୍ଟ୍ରପତି ପ୍ରଚଣ୍ଡ କ୍ଷୁବ୍ଧ ହୋଇଛନ୍ତି। ଆମେରିକା ପକ୍ଷରୁ ୫୦ହଜାର ସ୍ଥଳସେନା ଇରାନ ଯିବାପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଯେକୌଣସି ସମୟରେ ସ୍ଥଳଯୁଦ୍ଧ ହେବା ନେଇ ଆଶଙ୍କା ଉପୁଜିଛି। ହର୍ମୁଜକୁ ଖୋଲିବା ପାଇଁ ଟ୍ରମ୍ପ ମଧ୍ୟ ଇରାନକୁ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଯୁଦ୍ଧ ଭୟଙ୍କର ରୂପ ନେବାକୁ ଲାଗିଥିବାବେଳେ ଇରାନ ପାଇଁ ସବୁଠାରୁ ବିପଦ ପାଲଟିଛନ୍ତି କୁର୍ଦ୍ଦ ଯୋଦ୍ଧା। ଆମେରିକାର ସ୍ଥଳସେନା ଅଭିଯାନ ପୂର୍ବରୁ କୁର୍ଦ୍ଦମାନେ ଇରାନ ଉପରେ ଏକ ବଡ଼ଧରଣର ଗ୍ରାଉଣ୍ଡ ଅପରେସନ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ତେବେ ଇରାନକୁ ୩ ପଟୁ ଇସ୍ରାଏଲ, ଆମେରିକା ଓ କୁର୍ଦ୍ଦ ଘେରିବାକୁ ଯୋଜନା କରିଛନ୍ତି। ଆକାଶମାର୍ଗରୁ କ୍ଷେପଣାସ୍ତ୍ର ଓ ଡ୍ରୋନ ସାହାଯ୍ୟରେ ଇରାନର ସାମରିକ ଘାଟିଗୁଡ଼ିକୁ ଧ୍ୱଂସ କରାଯାଉଛି। ଏବେ ଇରାନ-ଇରାକ ସୀମାରୁ ହଜାର ହଜାର ସଂଖ୍ୟକ ସୈନ୍ୟ ସ୍ଥଳଭାଗ ଦେଇ ଇରାନ ଭିତରକୁ ପ୍ରବେଶ କରିବାକୁ ପ୍ରସ୍ତୁତ ହେଉଛନ୍ତି।

ବିଧାନ ପରିଷଦ...

ବ୍ୟବସ୍ଥା ଅନୁଯାୟୀ ରାଜ୍ୟସଭାକୁ ନିର୍ବାଚିତ ହେବାର ୧୪ ଦିନ ମଧ୍ୟରେ ଇସ୍ତଫା ଦେବାକୁ ପଡ଼ିବ। ନୀତିଶ ବିହାର ବିଧାନ ପରିଷଦର ସଦସ୍ୟ ପଦରୁ ଇସ୍ତଫା ଦେବାପରେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବେ ତାକୁ ନେଇ ମାନସମନ୍ଥନ ଆରମ୍ଭ ହୋଇଛି। ନିୟମ ଅନୁଯାୟୀ ଏମଏଲସି ପଦରୁ ଇସ୍ତଫା ଦେଲେ ବି ନୀତିଶ ୬ ମାସ ପାଇଁ ମୁଖ୍ୟମନ୍ତ୍ରୀ ରହିପାରିବେ। ନୀତିଶଙ୍କ ଇସ୍ତଫା ପରେ ବିହାର ରାଜନୀତି ଅସ୍ଥିର ହେବାରେ ଲାଗିଛି। ଶାସକ ମେଣ୍ଟ ଭିତରେ ନେତୃତ୍ୱ ପରିବର୍ତ୍ତନ ନେଇ ଆଲୋଚନା ଆରମ୍ଭ ହୋଇଛି। ନୀତିଶ କୁମାରଙ୍କ ଇସ୍ତଫା ପରେ ତାଙ୍କର ରାଜନୈତିକ ଉତ୍ତରାଧିକାରୀ ଚୟନ ପ୍ରକ୍ରିୟା ମଧ୍ୟ ତୀବ୍ର ହେବ ବୋଲି ଆଶା କରାଯାଉଛି। ତେବେ ବର୍ତ୍ତମାନର ଉପମୁଖ୍ୟମନ୍ତ୍ରୀ ଏବଂ ବିଜେପି ନେତା ସମ୍ରାଟ ଚୌଧୁରୀ ମୁଖ୍ୟମନ୍ତ୍ରୀ ପଦପାଇଁ ଜଣେ ପ୍ରମୁଖ ଦାବିଦାର ଥିବା କୁହାଯାଉଛି। ସେହିପରି ନିଶାନ୍ତ କୁମାରଙ୍କୁ ନେଇ ମଧ୍ୟ କଳ୍ପନାଜଳ୍ପନା ଲାଗି ରହିଛି। ଅନ୍ୟପକ୍ଷରେ ବିହାର ବିଧାନସଭା ସଦସ୍ୟ ପଦରୁ ନୀତିନ ନବୀନ ଇସ୍ତଫା ଦେଇଥିବା ନେଇ ନିଜେ ସୂଚନା ଦେଇଛନ୍ତି। ଦୁଇ ନେତାଙ୍କ ଇସ୍ତଫା ପରେ ବିହାର ରାଜନୀତି ସରଗରମ ହେବାରେ ଲାଗିଛି।

ନକ୍ସଲବାଦର...

ଯୁକ୍ତିକୁ ଖଣ୍ଡନ କରି ନକ୍ସଲବାଦ ବିଚାରଧାରା ଯୋଗୁ ଜାରି ରହିଥିବା ଶ୍ରୀ ଶାହ କହିଛନ୍ତି। ସେ କହିଛନ୍ତି, ନକ୍ସଲବାଦର ମୂଳ ଆଦୌ ବିକାଶ ପାଇଁ ହେଉଥିବା ଦାବି ଗ୍ରହଣୀୟ ନୁହେଁ । ଏହା ଏମିତି ଏକ ବିଚାରଧାରା, ଯାହାକୁ ଇନ୍ଦିରା ଗାନ୍ଧୀ ୧୯୭୦ ମସିହା ରାଷ୍ଟ୍ରପତି ନିର୍ବାଚନ ଜିତିବା ପାଇଁ ଆପଣାଇଥିଲେ। ସେହି ବାମପନ୍ଥୀ ବିଚାରଧାରା ଯୋଗୁ ନକ୍ସଲବାଦର ବିସ୍ତାର ହୋଇଥିଲା। ବିରୋଧୀଦଳଗୁଡ଼ିକ ନକ୍ସଲ ତତ୍ତ୍ୱକୁ ସହାନୁଭୂତି ଦେଖାଉଛନ୍ତି। ଇତିହାସକୁ ମନେ ପକାଇ ଶ୍ରୀ ଶାହ କହିଥିଲେ, ଆଦିବାସୀ ସମ୍ପ୍ରଦାୟ ଏକଦା ବିର୍ସା ମୁଣ୍ଡା, ତିଳକ ମାଁଝୀ ଓ ରାଣୀ ଦୁର୍ଗାବତୀଙ୍କ ଦ୍ୱାରା ଅନୁପ୍ରାଣିତ ହେଉଥିଲେ। ହେଲେ ନୀତିଗତ ତାରତମ୍ୟ ଯୋଗୁ ସେମାନେ ମାଓବାଦୀ ବିଚାରଧାରା ଆଡକୁ ଯାଇଥିଲେ। ବାସ୍ତବରେ ସରକାର କେବେହେଲେ ସେମାନଙ୍କ ପାଖରେ ପହଞ୍ଚି ପାରିନଥିଲା। ଶାହ କହିଥିଲେ, ମାଓବାଦୀ ହିଂସା ପ୍ରାୟ ୨୦ ହଜାର ଯୁବଗୋଷ୍ଠୀର ଜୀବନ ନେଇଛି ଓ ୧୨୦ ମିଲିୟନ ଲୋକଙ୍କୁ ପ୍ରଭାବିତ କରିଛି। କଂଗ୍ରେସର ବିଫଳତା ଯୋଗୁ ଆଦିବାସୀ ଓ ଅନ୍ୟ ସମ୍ପ୍ରଦାୟର ଲୋକେ ବଞ୍ଚିତ ହୋଇଥିଲେ ବୋଲି ସେ ଅଭିଯୋଗ କରିଥିଲେ। ଛତିଶଗଡ଼, ଝାଡ଼ଖଣ୍ଡ, ଓଡ଼ିଶା, ମହାରାଷ୍ଟ୍ର ଭଳି ୧୨ଟି ରାଜ୍ୟ ଏକଦା ଲାଲଗଡ଼ ଭାବେ ପରିଚିତ ଥିଲା। ଏବେ ବସ୍ତର ଅଞ୍ଚଳରୁ ଏକପ୍ରକାର ନକ୍ସଲବାଦ ମୂଳପୋଛ ହୋଇଯାଇଛି। ସେ ଆହୁରି କହିଥିଲେ, ଏହା ହେଉଛି ନରେନ୍ଦ୍ର ମୋଦୀଙ୍କ ସରକାର। ଯିଏ ଅସ୍ତ୍ର ଉଠାଇବ, ତାକୁ ସେହି ଅନୁସାରେ ଜବାବ ଦିଆଯିବ। ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ ବୋଲି ସେ କହିଥିଲେ।

କ୍ଷମା ମାଗିବାକୁ...

ସାଂସଦ ଏଭଳି ଅସମ୍ମାନଜନକ କଥା କହିଥିବାରୁ ସେ ଓଡ଼ିଆ ଜାତି ନିକଟରେ କ୍ଷମା ମାଗିବାକୁ ଏହି ଦୁଇ ପ୍ରମୁଖ ନେତା ଦାବି ଜଣାଇଛନ୍ତି। ଅନ୍ୟପକ୍ଷରେ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି ଯେ ନିଶିକାନ୍ତ ବାବୁ ବିଜୁବାବୁଙ୍କ ସଂପର୍କରେ ଯାହା କହିଛନ୍ତି ତାହା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଛି। ସେ ଜାଣିନାହାନ୍ତି ଯେ ନେହେରୁ ପ୍ରଧାନମନ୍ତ୍ରୀ ଥିବାବେଳେ ନିଜ କାର୍ଯ୍ୟାଳୟକୁ ବିଜୁବାବୁଙ୍କୁ ଡାକି ଚୀନ୍ ସହ ଲଢେଇ କରିବାକୁ ରଣନୀତି କରିଥିଲେ। ତେବେ ନିଶିକାନ୍ତ ଯାହା କହିଛନ୍ତି ତାହା ତାଙ୍କ ବିକୃତ ମାନସିକତାର ପରିଚାୟକ। ତାଙ୍କୁ ମନସ୍ତତ୍ତ୍ୱବିତ୍ କିମ୍ବା ମାନସିକ ଡାକ୍ତରଙ୍କୁ ଦେଖାଇବା ଜରୁରି। ସେହିପରି ରାଜ୍ୟସଭା ସଦସ୍ୟ ଦିଲ୍ଲୀପ ରାୟ ଏହି ମନ୍ତବ୍ୟକୁ ତୀବ୍ର ନିନ୍ଦାକରି କହିଛନ୍ତି ଯେ ବିଜୁବାବୁଙ୍କ ଅବଦାନ ସାରା ବିଶ୍ୱ ଜାଣିଛି। ତେଣୁ ନିଶିକାନ୍ତ ବାବୁ ତୁରନ୍ତ କ୍ଷମା ମାଗିବା ଜରୁରି। ସୂଚନାଯୋଗ୍ୟ ଯେ ନିଶିକାନ୍ତଙ୍କ ଏହି ମନ୍ତବ୍ୟ ପ୍ରତିବାଦରେ ବିଜେଡି ସାଂସଦ ସସ୍ମିତ ପାତ୍ର ରାଜ୍ୟସଭାରେ କଡ଼ା ନିନ୍ଦା କରିବା ସହ ଇତିହାସକୁ ବିକୃତ କରିବା ପାଇଁ ବିଜେପିର ଏହା ହୀନ ଉଦ୍ୟମ ବୋଲି କହିଥିଲେ। ମନ୍ତବ୍ୟ ପ୍ରତିବାଦରେ ଶ୍ରୀ ପାତ୍ର ଆଇଟି ଓ ଯୋଗାଯୋଗ ସଂସଦୀୟ ଷ୍ଟାଣ୍ଡିଂ କମିଟି ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ସେହିପରି ସାଂସଦ ମାନସରଞ୍ଜନ ମଙ୍ଗରାଜ, ମୁନ୍ନା ଖାଁ, ନିରଞ୍ଜନ ବିଶି ପ୍ରମୁଖ ଏହି ମନ୍ତବ୍ୟର ତୀବ୍ର ନିନ୍ଦା କରିଛନ୍ତି।

୧ ଡଲାରର ମୂଲ୍ୟ...

ହ୍ରାସ ପାଇଛି। ସୋମବାର ସକାଳେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୯୩.୬୨ଥିବାବେଳେ ବଜାର ଖୋଲିଥିଲା। ତେବେ ଶେଷରେ ସର୍ବକାଳୀନ ରେକର୍ଡ ଅର୍ଥାତ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୫.୨୨ରେ ପହଞ୍ଚିଥିଲା। ଅନ୍ୟପକ୍ଷରେ ସେନସେକ୍ସ ୧୬୩୫ ପଏଣ୍ଟ ବା ୨.୨୨ ପ୍ରତିଶତ କମି ୭୧,୯୪୭.୫୫ ପଏଣ୍ଟରେ ବନ୍ଦ ରହିଛି। ସେହିପରି ନିଫଟି ୪୮୮ ପଏଣ୍ଟ ତଳକୁ ଖସି ୨୨,୩୩୧.୪୦ ପଏଣ୍ଟରେ ବନ୍ଦ ରହିଛି। ତେବେ ସୋମବାର କାରବାର ମଝିରେ ସେନସେକ୍ସ ୧୮୦୯ ପଏଣ୍ଟ ବା ୨.୪୫ ପ୍ରତିଶତ ଖସି ଯାଇଥିଲା। ସେହିପରି ନିଫଟି ମଧ୍ୟ ୫୩୬ ପଏଣ୍ଟ ବା ୨.୩୪ ପ୍ରତିଶତ ହ୍ରାସ ପାଇଥିଲା। କିନ୍ତୁ ପରେ ଏଥିରେ କିଛିଟା ସୁଧାର ଆସିଥିଲା। ପୁଞ୍ଜି ବଜାର ସୂଚକାଙ୍କ ତଳକୁ ଖସିବା ଫଳରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି ୯ଲକ୍ଷ କୋଟି ଟଙ୍କା କମି ଯାଇଥିଲା। ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜି କାରବାର ଶେଷ ବେଳକୁ ୪୧୨.୪ଲକ୍ଷ କୋଟିରେ ପହଞ୍ଚିଥିବା ସୂଚନା ମିଳିଛି।

ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି ପକ୍ଷରୁ ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ବିର୍ଲା ସ୍କୁଲ୍ ଅଫ୍ ଲ' ପକ୍ଷରୁ 'ମାନବ ଅଧିକାର ଓ ଅଭିବ୍ୟକ୍ତି ସ୍ୱାଧୀନତାରେ ସମ୍ପ୍ରତିକ ଆହ୍ୱାନ, ସମସ୍ୟା ଓ ସୁଯୋଗ' ବିଷୟବସ୍ତୁ ଆଧାରିତ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରୁ ବିଶିଷ୍ଟ ନ୍ୟାୟବିତ୍, ଶିକ୍ଷାବିତ୍ ଏବଂ ପ୍ରମୁଖ ନେତୃବୃନ୍ଦ ଏକତ୍ରିତ ହୋଇଥିଲେ। ଉଦ୍ଘାଟନୀ ସମାରୋହରେ ଜାତୀୟ ମାନବାଧିକାର କମିଶନର ସଦସ୍ୟ ତଥା ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଡ଼. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଓଡ଼ିଶା ମାନବାଧିକାର କମିଶନର ପୂର୍ବତନ ସଦସ୍ୟ ଅସୀମ ଅମିତାଭ ଦାସ ଯୋଗ ଦେଇଥିବା ବେଳେ ନ୍ୟାସନାଲ ଲ' ୟୁନିଭରସିଟି ଓଡ଼ିଶାର ରେଜିଷ୍ଟ୍ରାର ପ୍ରଫେସର ଡ଼. ରଙ୍ଗିନ ପଲ୍ଲବ ତ୍ରିପାଠୀ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଜଷ୍ଟିସ ଷଡ଼ଙ୍ଗୀ ଆନୁଷଙ୍ଗିକ ବ୍ୟବସ୍ଥା ଏବଂ ସଚେତନତାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ। ପ୍ରଫେସର ତ୍ରିପାଠୀ ସୂଚନା ପ୍ରଯୁକ୍ତିବିଦ୍ୟା ଯୁଗରେ ଅଭିବ୍ୟକ୍ତିର ସ୍ୱାଧୀନତା ଏବଂ ଉତ୍ତରଦାୟିତ୍ୱ ମଧ୍ୟରେ ସନ୍ତୁଳନ ରକ୍ଷା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅସୀମ ଅମିତାଭ ଦାସ ପରିବର୍ତ୍ତନଶୀଳ ସମୟର ପରିପ୍ରେକ୍ଷୀରେ ମାନବାଧିକାରକୁ ବୁଝିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, "ସୋସିଆଲ ମିଡିଆ, କୃତ୍ରିମ ବୁଦ୍ଧିମତା ଏବଂ ପରିବେଶ ସମ୍ବନ୍ଧୀୟ ସମସ୍ୟା ଭଳି ନୂତନ ଆହ୍ୱାନଗୁଡ଼ିକ ମାନବାଧିକାରର ଆଉ ଏକ ନୂତନ ପରିଧି ପ୍ରତି ପରିଚୟ କରାଇଥାଏ।" ବିଜିୟୁର କୁଳପତି ପ୍ରଫେସର ଡ଼. କୁଳଭୂଷଣ ବଲୁନି କହିଥିଲେ ଯେ, ଶହେ କୋଟିରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଏହି ଦେଶରେ ନ୍ୟାୟପାଳିକା ହେଉଛି ଆଶାର ଏକ ସ୍ତମ୍ଭ, ଯାହା ଉପରେ ଅଧିକାରର ସୁରକ୍ଷା ଏବଂ ଏକ ନ୍ୟାୟପୂର୍ଣ୍ଣ ତଥା ସମାନତା ଭିତ୍ତିକ ସମାଜ ଗଠନର ଦାୟିତ୍ୱ ନ୍ୟସ୍ତ ଅଛି। ବିର୍ଲା ସ୍କୁଲ ଅଫ୍ ଲ' ର ଡିନ୍ ପ୍ରଫେସର ଡ଼. ଏସ୍.କେ. ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଜିୟୁର ରେଜିଷ୍ଟ୍ରାର ପ୍ରଫେସର ଡ଼. ବି.କେ. ଦାସ ପ୍ରାରମ୍ଭିକ ଭାଷଣ ପ୍ରଦାନ ସହ ସମ୍ମିଳନୀର ଅଭିମୁଖ୍ୟ ସମ୍ପର୍କରେ ଅଲୋକପାତ କରିଥିଲେ। ଏହି ଦୁଇ ଦିନିଆ ସମ୍ମିଳନୀରେ ବୈଷୟିକ ଅଧିବେଶନଗୁଡ଼ିକ ଅନ୍ତର୍ଭୁକ୍ତ, ଯେଉଁଥିରେ ଭାରତର ପ୍ରମୁଖ ଶିକ୍ଷାନୁଷ୍ଠାନର ଗବେଷକ, ଶିକ୍ଷାବିତ୍ ଏବଂ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରୁଛନ୍ତି। ଏହି ସମ୍ମିଳନୀ ହେଉଛି ମାନବାଧିକାର ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ଭଳି ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ ପ୍ରସଙ୍ଗରେ ପ୍ରଭାବଶାଳୀ ଶିକ୍ଷାଗତ ଆଲୋଚନା ତଥା ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ପାଇଁ ବିଜିୟୁର ନିରନ୍ତର ପ୍ରତିବଦ୍ଧତାର ପ୍ରତିଫଳନ।

ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ

ଏପ୍ରିଲ ୧ ରୁ ୧୪ ପର୍ଯ୍ୟନ୍ତ ପାଳିତ ହେବ 'ଓଡ଼ିଆ ପକ୍ଷ-୨୦୨୬'

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶା ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଂଯୋଜନାରେ ବିଭିନ୍ନ ବିଭାଗର ସମ୍ମିଳିତ ପ୍ରୟାସରେ ଆଗାମୀ ଓଡ଼ିଶା ଦିବସ ଏପ୍ରିଲ ୧ ଠାରୁ ଆରମ୍ଭ କରି ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ 'ଓଡ଼ିଆ ପକ୍ଷ-୨୦୨୬' ଅନୁଷ୍ଠିତ ହେବ । ଏଥିପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆଜି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମସ୍ତ କାର୍ଯ୍ୟକ୍ରମକୁ ବ୍ୟାପକ ଓ ଆକର୍ଷଣୀୟ କରିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ବିଭିନ୍ନ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ପାଇଁ ସବୁ ବର୍ଗର ଜନସାଧାରଣଙ୍କ ସଂପୃକ୍ତି ସହ ସମସ୍ତଙ୍କୁ ଓଡ଼ିଆ ପକ୍ଷ ୮ ୨୦୨୬ ରେ ଫଟୋ,ସେଲ୍ଫି ଏବଂ ଭିଡ଼ିଓ ଆଦି ଅପଲୋଡ୍ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି । ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା ସୂଚନା ଦେଇଥିଲେ । ଓଡ଼ିଆ ପକ୍ଷ ୨୦୨୬ ''ଏକ ସାଂସ୍କୃତିକ ପୁନର୍ଜାଗରଣ'' । ଓଡ଼ିଆ ପକ୍ଷ ପାଳନ ଏକ ଉତ୍ସବ ନୁହେଁ, ବରଂ ପ୍ରତିଟି ଓଡ଼ିଆ ପ୍ରାଣରେ ନିଜ ସ୍ୱାଭିମାନକୁ ଜୀବନ କରିବାର ଏକ ଅଭିଯାନ ଭାବେ ନେଇ ଉତ୍ସବକୁ ଆନନ୍ଦ ଉଲ୍ଲାସର ସହ ସମସ୍ତଙ୍କ ସମ୍ପୃକ୍ତିରେ ପାଳନ କରିବାକୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି । ବିଭାଗର ସଂଯୋଜନାରେ ୧୪ ଦିନରେ ୧୪ରୁ ଅଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ବୈଠକରେ ଆଲୋଚନା ପୂର୍ବକ ନିଷ୍ପତ୍ତି ନିଆଯାଇଛି । ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ଆୟୋଜନରେ ଏପ୍ରିଲ ୧ ତାରିଖ ସକାଳେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ପୁରୀ ଜିଲ୍ଲା ସୁଆଣ୍ଡୋ ଠାରେ ଏବଂ ସନ୍ଧ୍ୟାରେ ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଉଭୟ ସ୍ଥାନରେ ରାଜ୍ୟ ସ୍ତରୀୟ ଓଡ଼ିଶା ଦିବସ ପାଳନ କରାଯିବ । ସେହି ପରି ପୂର୍ବ ପ୍ରସ୍ତୁତି ଅନୁସାରେ ନୂଆ ଦିଲ୍ଲୀ ସମେତ ସମସ୍ତ ଜିଲ୍ଲା, ଉପଖଣ୍ଡ ସ୍ତରରେ ଓଡ଼ିଆ ଦିବସ ପାଳିତ ହେବ । ଏପ୍ରିଲ ୧୪ ରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ଠାରେ ରାଜ୍ୟସ୍ତରୀୟ ଓଡ଼ିଆ ନବ ବର୍ଷ ପାଳନ ତଥା ଓଡ଼ିଆ ପକ୍ଷର ଉଦଯାପନୀ ସମାରୋହ ଅନୁଷ୍ଠିତ ହେବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ବୈଠକରେ ସୂଚନା ଦିଆଯାଇଥିଲା । ଏଥି ସହିତ ଜିଲ୍ଲାସ୍ତରରେ ମଧ୍ୟ ଅନୁରୂପ ସମାରୋହ ଅନୁଷ୍ଠିତ ହେବ । ପଣା ସଂକ୍ରାନ୍ତି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମରେ ପଣା ବଣ୍ଟନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା ।

Office of the Superintending Engineer,
Potteru Canal Division, M.V-79
32001/263/2526
At-M.V-79, Po-Lachhipeta Dist : Malkangiri, (Odisha).
'e' mail id :- eepcdbhuba65@gmail.com

CANCELLATION NOTICE AGAINST QUOTATION CALL NOTICE NO.-03/2025-26

The work specified in Sl. No. 2 vide this office Quotation Call Notice No.03/2025-26 dtd.10.03.2026 is hereby cancelled due to non-participation of bidders.

OIPR 32001/32551/1/25-26/0002

Sd/- Superintending Engineer,
Potteru Canal Division, M.V-79

GOVERNMENT OF ODISHA, DEPARTMENTOF WATER RESOURCES
Office of the Addl. Chief Engineer, Mechanical Circle, Bhubaneswar
Email Address: semechcircle104@gmail.com
e-Procurement Notice- Bid Identification No.- ACEM/MDL-62/2025-26
32001/267/2526

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : ACEM/MDL-62/2025-26
5. Estimated Cost : Rs. 17,84,456/-
6. Period of Completion : 02 (Two) calendar months.
7. Date & time of availability of bid documents in the Portal : From dt.30.03.2026(10.00 AM) to dt.16.04.2026(5.30 PM)
8. Last date/ time for receipt of bid In the Portal : dt.16.04.2026 (up to 5.30 PM)
9. Date and Place of opening of Bid : dt.17.04.2026 (11.00 AM onwards in the O/O the undersigned)
10. Name of the Officer inviting bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

OIPR 32001/32405/1/25-26/0010

Sd/- Addl. Chief Engineer,
Mechanical Circle Bhubaneswar

ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ:(୦୬୭୪)୨୩୯୩୫୨୪,
ଏପିବିଏକ୍ସ:(୦୬୭୪)୨୩୯୧୫୪୨,୨୩୯୦୦୧୧
ଫାକ୍ସ:(୦୬୭୪)୨୩୯୩୯୫୨, ୱେବ ସାଇଟ: https://oshb.org
13001/825/2526

ବିଜ୍ଞାପନ

ପତ୍ର ସଂଖ୍ୟା: ୩୫ ତା:୧୮.୦୩.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଘରର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

କ୍ର.ନଂ	ମୃତ୍ୟୁ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା	ଗୃହର ବିବରଣୀ	ଉତ୍ତରାଧିକାରୀଙ୍କ ନାମ
୧	ନାମ-ସ୍ୱ ଦିବାକର ପରିଡ଼ା ପିତା- ସ୍ୱ ନୀଳକଣ୍ଠ ପରିଡ଼ା, ସା/ପୋ-ଭିକପଡ଼ା, ଥାନା-ଖଲ୍ଲିକୋଟ, ଜିଲ୍ଲା-ଗଞ୍ଜାମ	ଘର ନଂ-ଏଲ.ଆଇ.ଜି-୪୮୧ (LIG-481) ତ୍ରୁପୁମା ହାଉସିଂ ପ୍ରକଳ୍ପ, ୨ୟ ପର୍ଯ୍ୟାୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା	୧.ପଙ୍କଜିନୀ ପରିଡ଼ା(ସ୍ତ୍ରୀ) ୨. ପ୍ରଫୁଲ୍ଲ କୁମାର ପରିଡ଼ା(ପୁତ୍ର) ୩.ସୁଜାତା ସିଂ(କନ୍ୟା) ୪.ପ୍ରମିଳା ସିଂ(କନ୍ୟା) ୫.ପ୍ରଭାସିନୀ ଦାସ (କନ୍ୟା)

OIPR 13001/13030/1/25-26/0120

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

34001/239/2526
E-mail ID:cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
INVITATIONS FOR BIDS (IFB)

File No-B-I-Home-23/2024(Pt.) Lr. No.- 9450 Bhubaneswar, the 19th Mar., 2026

Invitation for Bids

Bid Identification No. CE-Bldg-I-58/2025-26

1.	The Chief Engineer, Buildings-I, Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the works, (1) "Construction of CHC Building at Manada, Mayurbhanj, Odisha" (2)" Construction of Block Level Stadium (with Indoor Hall) in Bhubaneswar Block under Khordha District", (3)"Construction of Government Ayurvedic Hospital (G+2), Bhubaneswar" & (4)"Construction of 14 Nos. of C-type Qrs. (Block-I (S+3) and Block-II (S+4)) for Judicial Officers at Sundargarh" as detailed below.		
2.	Nature of work	:	Building Works
3.	No. of work	:	04 Nos.
4.	Bid Cost.	:	₹10,000/-
5.	Class of Contractor	:	'A'/ Special
6.	Availability of Bid Documents in the website	:	From dt.08.04.2026 to 17.00 Hours of dt.28.04.2026.
7.	Date of Opening of Bid	:	Dt.29.04.2026 at 11:30 AM.
8.	The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.		

OIPR 34001/34117/1/25-26/0041

Sd/-Chief Engineer, Buildings-I, Odisha